# ପାଠ- ୧୩

# ଦଶହରା ଭେଟି

## STUDY NOTES

### MIND MAP



ଗାଳ୍ପିକ ପରିଚୟ :-

ଓଡ଼ିଆ କ୍ଷୁଦ୍ରଗଳ୍ପ ଆକାଶରେ ଗାଳ୍ପିକ ରାଜକିଶୋର ରାୟ ସ୍ୱତନ୍ତ୍ର ଆଭା ପ୍ରକଟକାରୀ ନକ୍ଷତ୍ର । ପୁରୀ ଜିଲ୍ଲାର ଛତାବର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିବଲେ । ୧୯୪୦ ରୁ ୧୯୮୦ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶା ଭାଷାରେ ଆଦର୍ଶ ଓ ସୌନ୍ଦର୍ଯ୍ୟକୁ ନେଇ ସୁନ୍ଦର ଗଳ୍ପ ରଚନା କରିଛନ୍ତି । ଜଣେ ଆଦର୍ଶବାଦୀ ଭାବୁକ କଥାଶିଳ୍ପୀ ଭାବରେ ସେ ବେଶ୍ ଜନପ୍ରିୟ ।

ରାଜକିଶୋର ରାୟ ତାଙ୍କ କର୍ମମୟ ଜୀବନ କ୍ଷେତ୍ରରେ ଯେପରି ଶାନ୍ତସମାହିତ, ଗଳ୍ପରଚନା କ୍ଷେତ୍ରରେ ସେହିପରି ସହୃଦୟ ଓ ଭାବପ୍ରବଣ । ଦୈନନ୍ଦିନ ଜୀବନର ପରିଚିତ ଘଟଣା ଓ ଅନୁଭବକୁ ସେ ନାଟକୀୟ ଭଙ୍ଗୀରେ ବିଚିତ୍ର ଆବେଦନରେ ଗଳ୍ପରୂପ ଦେବାରେ ସିଦ୍ଧହସ୍ତ । ନୀଳ ଲହରୀ, ଜୟଶଙ୍ଖ, ମନର ମୃଣାଳ, ବିକଚ ଶତଦଳ, ଅଶୋକଚକ୍ର, ଆଦିପୁରୁଷ, ମଧ୍ୟାହ୍ନର ମରୁପଥେ ପଙ୍କ ଚନ୍ଦନ, ଜୀବନ ସଙ୍ଗୀତ, ଦୁର୍ବଳ ଦେବାଳୟ ଓ ଭାବବନ୍ଧନ ପ୍ରଭୃତି ତାଙ୍କର ଜନପ୍ରିୟ ଗଳ୍ପ ସଂକଳନ ।

ଗଳ୍ପର ପୃଷ୍ଠଭୂମି:-

ଆଲୋଚ୍ୟ ଗଳ୍ପଟି ଗାଳ୍ପିକଙ୍କ ବହୁଚର୍ଚ୍ଚିତ ଗଳ୍ପ ସଂକଳନ ଅଶୋକଚକ୍ର ରୁ ସଂଗୃହୀତ । ଏହି ଗଳ୍ପରେ ମାନବିକ ସମ୍ବେଦନା ଓ ମୂଲ୍ୟବୋଧର ମହତ୍ତ୍ୱ ପ୍ରକାଶ ପାଇଛି । ପ୍ରତ୍ୟେକ ମଣିଷର ଏକ ସମ୍ବେଦନଶୀଳ ସମବ୍ୟଥୀ ବିବେକ ଥାଏ । କରୁଣ ଓ ଦୁଃଖପୂର୍ଣ୍ଣ ଦୃଶ୍ୟ, ଘଟଣା, ଅବସ୍ଥା ଦେଖିଲେ ସେହି ବିବେକଟି ତରଳିଯାଏ । ନିଷ୍ଠୁରତାର, କଠିନତାର ଆବରଣଗୁଡ଼ିକ ସ୍ନେହ, କରୁଣା ଓ ସହାନୁଭୂତିରେ ତରଳିଯାଏ । ମଣିଷର ହୃଦୟ ଅନ୍ୟ ଜଣେ ଦୁଃଖୀ ମଣିଷର ହୃଦୟ ସହିତ ଯୋଡ଼ି ହୋଇଯାଏ । ହୃଦୟ ପରିବର୍ତ୍ତନର ଅପୂର୍ବ ଦୃଷ୍ଟାନ୍ତ ଭାବରେ ଏହି ଗଳ୍ପଟି ପାଠକଙ୍କୁ ମୁଗ୍ଧ କରିଥାଏ । ମୋଟ ଉପରେ ଅଶ୍ଳୀଳ ଓ ଅଭାବମୟ ଅବସ୍ଥାର ଦୃଶ୍ୟ ମଣିଷ ହୃଦୟରେ ଦୟାର୍ଦ୍ର ଭାବ ସୃଷ୍ଟିକରେ ଏହି ସତ୍ୟକୁ ଆଲୋଚ୍ୟ ଗଳ୍ପରେ ସୁନନ୍ଦା ଚରିତ୍ର ମାଧ୍ୟମରେ ଗାଳ୍ପିକ କଥାରୂପ ଦେଇଛନ୍ତି ।

ଗଳ୍ପର ସାରକଥା :-

ଗାଳ୍ପିକ ସ୍ୱୟଂ ଏହି ଗଳ୍ପର ଗଳ୍ପନାୟକ । ପ୍ରଥମ ପୁରୁଷ କଥନଶୈଳୀରେ ଏହି ଗଳ୍ପଟି ରଚିତ । ଗଳ୍ପନାୟକଙ୍କ ପତ୍ନୀ ସୁନନ୍ଦା । ଅପକ୍ୱ ବୟସ (ଅର୍ଥାତ୍ ବିବାହ ଜୀବନର ଭାର ବୋହିବାର ଦକ୍ଷତା ଆସିବାର ବହୁପୂର୍ବର ତରୁଣ ଅବସ୍ଥା) ସୁନନ୍ଦାଙ୍କ ସହିତ ଗଳ୍ପନାୟକଙ୍କର ବିବାହ ହୋଇଯାଇଛି । ପତି ଭାବରେ ତାଙ୍କ ପାଖରୁ ଗଳ୍ପନାୟକ ଯାହା ଚାହାଁନ୍ତି ସେ ସବୁ ପୂରଣ କରନ୍ତି । ମାତ୍ର ତାଙ୍କର ସ୍ନେହ, ପ୍ରେମ, ଶ୍ରଦ୍ଧାରେ ଧନୀ ଦୁଲାଳୀର ଯେଉଁ ସାମାନ୍ୟ ଅହଂଟିଏ ଲୁଚି ରହିଥାଏ ତାହାକୁ ଗଳ୍ପନାୟକଙ୍କ ସ୍ୱାମୀପଣ ଖୁବ୍ ଗୋଟେ ଯନ୍ତ୍ରଣା ଭିତରେ ସହ୍ୟ କରିଥାଏ । ସୁନନ୍ଦା କାବ୍ୟକବିତାର ପ୍ରେୟସୀ ଓ କଳ୍ପନାବାଦୀ । ମାତ୍ର ଗଳ୍ପନାୟକ ତାଙ୍କର ବିପରୀତ ଗୁଣଧାରୀ ଅର୍ଥାତ୍ ବାସ୍ତବବାଦୀ । ତାଙ୍କ ପାଇଁ ଜନ୍ମ ମୃତ୍ୟୁ, ଜୀବନ ମରଣ ସବୁ ସମାନ ।